## ସଂକ୍ଷେପରେ

### ମାନସିକ ଅନଗ୍ରସର ମହିଳାଙ୍କୁ ଡାକ୍ତରଖାନା ପଠାଇଲା ପ୍ରଶାସନ

**ବାସୁଦେବପୁର,୨୩।୧(ଡି.ଏନ.ଏ.)**- ବାସୁଦେବପୁର ସହରରେ ଅସୁରକ୍ଷିତ ଭାବେ ବୁଲୁଥିବା ଜଣେ ମାନସିକ ଅନଗ୍ରସର ଗର୍ଭବତୀ ମହିଳାଙ୍କୁ ଗୁରୁବାର ବ୍ଲକ ପ୍ରଶାସନ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ମହିଳାଙ୍କ ଠିକ୍ ପରିଚୟ ମିଳିପାରି ନାହିଁ। ବର୍ତ୍ତମାନ ପ୍ରବଳ ଶୀତରେ ଅସୁରକ୍ଷିତ ଭାବେ ମହିଳା ଜଣଙ୍କ ଏଣେତେଣେ ବୁଲୁଥିବା ପ୍ରଶାସନ ନଜରକୁ ଆସିଥିଲା। ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ସ୍ଥାନୀୟ ଆଶାକର୍ମୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ଲାଗି ଭଦ୍ରକ ପଠାଯାଇଥିବା ସୂଚନା ମିଳିଛି।

### ୮ରୁ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଭଣ୍ଡାରିପୋଖରୀ,୨୩।୧(ଡି.ଏନ.ଏ.)**- ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ଼ ଡାକ୍ତରଖାନା ଖେଳପଡ଼ିଆରେ ଆସନ୍ତା ଫେବୃୟାରୀ ୮ ତାରିଖରୁ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ୨୬ତମ ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଦଳ ଭାଗ ନେବେ। ୮ ତାରିଖରେ କଟକ ସୋଲାର ସ୍ପୋର୍ଟିଂ ସହିତ ଭଦ୍ରକ ୟୁନିକ୍ ଏକ୍ସଆଇ, ୯ରେ ଭୁବନେଶ୍ୱର ସ୍କାନ ସ୍ପୋର୍ଟିଂ ସହିତ ଭଦ୍ରକ ସୂର୍ଯ୍ୟଶିଖା, ୧୦ରେ ପ୍ରଥମ ସେମିଫାଇନାଲ, ୧୧ରେ କେନ୍ଦ୍ରାପଡ଼ା ବାଲାବାବା କ୍ଲବ ସହିତ ଯାଜପୁର ଏମ୍‌ସିସି, ୧୨ରେ ଭୁବନେଶ୍ୱର ରେଡ଼ଷ୍ଟାର ଓ ଯାଜପୁର ଇଲେଭେନ୍ ଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୧୩ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଓ ୧୬ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମହାବୀର ଯୁବକ ସଂଘର ସଭାପତି ଗୋପୀନାଥ ନାୟକ ଓ ସମ୍ପାଦକ ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

# ମହାଯୋଗୀ ଅରବିନ୍ଦଙ୍କ ଦର୍ଶନ ଯୁବପିଢ଼ିଙ୍କ ପ୍ରେରଣା



ବାର୍ଷିକ ଉତ୍ସବ ସମାରୋହରେ ଅତିଥି ଏବଂ କଳାକାରମାନେ।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ସଦର ବ୍ଲକ ବାରଦାସ୍ଥିତ ମାତୃଭବନରେ ଶ୍ରୀ ଅରବିନ୍ଦ ପାଠଚକ୍ରର ୪୦ ତମ ବାର୍ଷିକ ଉତ୍ସବ ଏବଂ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦେହାବଶେଷ ପ୍ରତିଷ୍ଠାର ୩୩ତମ ବାର୍ଷିକ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଯାଇଛି। ମହାଯୋଗୀ ଅରବିନ୍ଦଙ୍କ ଦର୍ଶନ ସର୍ବଦା ଯୁବପିଢ଼ିଙ୍କ ପ୍ରେରଣାର ଉତ୍ସ ବୋଲି ମତ ପ୍ରକାଶ ପାଇଥିଲା। ଅଜୟ କୁମାର ପଲେଇ ମାତୃପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୁବାସ ଚନ୍ଦ୍ର କର, ମହେନ୍ଦ୍ର ନାଥ ସ୍ୱାଇଁ, ପ୍ରଭାତ କୁମାର ନାୟକ ପ୍ରମୁଖ ବକ୍ତାଭାବେ ଯୋଗଦେଇ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଆଦର୍ଶ ଜୀବନ, ଦର୍ଶନ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ସଚ୍ଚିଦାନନ୍ଦ ମହାରଣା, ପର୍ଶୁରାମ ନାୟକ, ସୁଲୋଚନା ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିବସରେ ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବରେ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ପ୍ରେମାନନ୍ଦ ରାଉତ, ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମାତୃଭବନର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ରଥ, ଅଧ୍ୟକ୍ଷ ଦିଲୀପ ମହାରଣାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଆଇଡିୱାଇଓର ସାଧାରଣ ସଭା




କିଶୋର କ୍ଲବଠାରେ ସଭା ଅନୁଷ୍ଠିତ ହେଉଛି।

**ଆଠମଲ୍ଲିକ,୨୩।୧(ଡି.ଏନ.ଏ.)**

ନେତାଜୀ ଜୟନ୍ତୀ ଉପଲକ୍ଷେ ଆଠମଲ୍ଲିକ ଏଆଇଡିୱାଇଓ ପକ୍ଷରୁ ଗୁରୁବାର ସ୍ଥାନୀୟ କିଶୋର କ୍ଲବଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଙ୍ଗଠକ ସଂଗ୍ରାମ ମିଶ୍ରଙ୍କ ସଭାପତିତ୍ୱରେ ସଭା ପ୍ରାରମ୍ଭରେ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଗଣତାନ୍ତ୍ରିକ ଶିକ୍ଷକ ସଙ୍ଗଠନ (ଡିଟିଓ)ର ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେଣ୍ଡୁଲୀ ମୁଖ୍ୟଅତିଥି, ଆଠମଲ୍ଲିକ ମହାବିଦ୍ୟାଳୟ ଅଧ୍ୟାପକ ଗଗନ ମିଶ୍ର ସମ୍ମାନିତ ଅତିଥି ଏବଂ ଏସୟୁସିଆଇ କମ୍ୟୁନିଷ୍ଟର ଜିଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନେତାଜୀଙ୍କ ଜୀବନୀରୁ ଶିକ୍ଷା ନେଇ ଯୁବପିଢ଼ି ସମାଜରେ ଦେଖାଦେଇଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ, ଜୁଲୁମ ବିରୁଦ୍ଧରେ ସଂଗ୍ରାମ ପାଇଁ ଆଗେଇ ଆସିଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନେ ନେତାଜୀଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଯୁବ ସଙ୍ଗଠକ ଜଗନ୍ନାଥ ମହାକୁର, ସୁନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ନିଷ୍ଠାର ସହ ପଢ଼ିବାକୁ ପରାମର୍ଶ



ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଛେଣ୍ଡିପଦା,୨୩।୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଷମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ କଲେଜର ପୂର୍ବତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର, ସମ୍ମାନିତ ଅତିଥି ଅଭିନେତା ଅଶୋକ କୁମାର ଦାଶ, ଅନ୍ୟତମ ସମ୍ମାନିତ ଅତିଥି ବିଧାୟକଙ୍କ ପ୍ରତିନିଧି ନାରାୟଣ ସାହୁ, ପତିତପାବନ ଜୁନିୟର କଲେଜ ଅଧ୍ୟକ୍ଷ ଜଗବନ୍ଧୁ ସାହୁ, ପରିଚାଳନା କମିଟି ସଦସ୍ୟ ରସାନନ୍ଦ ସାହୁ, ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗ ଦେଇ ନିଷ୍ଠାର ସହିତ ପାଠ ପଢିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ଶରତ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିକାଶ ମିଶ୍ର, ଅଧ୍ୟାପିକ ରେଣୁବାଳା ସାହୁ, ରଶ୍ମିତା ବିଶ୍ୱାଳ ପ୍ରମୁଖ ସହେଯାଗ କରିଥିଲେ। ଜଗବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

# ଅପହୃତ ଯୁବକ ଉଦ୍ଧାର

**ହିନ୍ଦୋଳ, ୨୩।୧(ଡି.ଏନ.ଏ.)**

ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଡିହସାହି ଗ୍ରାମରେ ରହୁଥିବା ସୌରଭ ମହାରଣାଙ୍କୁ ଗତ ରବିବାର ଘରୁ ଜୋରଜବରଦସ୍ତ ଅପହରଣ କରି ନିଆଯାଇଥିବା ତାଙ୍କ ସ୍ତ୍ରୀ ମୀନାକ୍ଷୀ ନାଏକ (୨୬) ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବୁଧବାର ସୌରଭଙ୍କୁ ଉଦ୍ଧାର କରିଛି। ନୂଆକୋଟ ଡିହସାହିର ମୀନାକ୍ଷୀ ଜାନୁୟାରୀ ୬ରେ ସୌରଭଙ୍କୁ ମନ୍ଦିରରେ ପ୍ରେମ ବିବାହ କରିଥିଲେ। ଏହାପରେ ଦୁହେଁ ଡିହସାହିସ୍ଥିତ ମୀନାକ୍ଷୀଙ୍କ ଘରେ ରହୁଥିଲେ। ରବିବାର ଅପରାହ୍ନରେ ମିନାକ୍ଷୀଙ୍କ ଉପସ୍ଥିତିରେ ସୌରଭଙ୍କୁ ତାଙ୍କ ପରିବାର ଲୋକେ ଉଠାଇ ନେଇଥିଲେ। ଏ ନେଇ ସୋମବାର ମିନାକ୍ଷୀ ଥାନାରେ ଅପହରଣ ଅଭିଯୋଗ କରିଥିଲେ। ହିନ୍ଦୋଳ ପୋଲିସ ସୌରଭ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଡକାଇ ମାମଲାର ସମାଧାନ କରିବାକୁ ଉଦ୍ୟମ କରିଥିଲା। ଉଭୟ ପକ୍ଷର ସହମତିକ୍ରମେ ସୌରଭ ମୀନାକ୍ଷୀଙ୍କ ସହ ରହିବାକୁ ସହମତି ଜଣାଇଥିଲେ। ଏହାପରେ ଘଟଣାର ସମାଧାନ ହୋଇଥିବା ପୋଲିସ କହିଛି।

# ଅପହଞ୍ଚ ଇଲାକାରେ କମ୍ବଳ ବାଣ୍ଟିଲେ ବିଧାୟକ



କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

**ପାଲଲହଡ଼ା,୨୩।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ନଗିରା ଓ ବରଡିହ ପଞ୍ଚାୟତରେ ଗୁରୁବାର ୧୬୦୦ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବାଣ୍ଟିଛନ୍ତି ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ। ସୂଚନା ଅନୁଯାୟୀ ବିଧାୟକ ପାଲ ପାଲଲହଡ଼ା ଉପଖଣ୍ଡର ଅପହଞ୍ଚ ଇଲାକା ଭାବେ ପରିଚିତ ଆଦିବାସୀ ଅଧ୍ୟୁଷିତ ନଗିରା ଓ ବରଡିହ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତକରି ଅଞ୍ଚଳର ପ୍ରାୟ ୧୬୦୦ ଆଦିବାସୀ ବରିଷ୍ଠ ନାଗରିକଙ୍କୁ କମ୍ବଳ ବାଣ୍ଟିଥିଲେ। ପରେ ବିଧାୟକ ଅଞ୍ଚଳବାସୀଙ୍କ ସହିତ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା, ଗମନାଗମନ, ଶିକ୍ଷା ତଥା ସମସ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ନବ କିଶୋର ନାଏକ, ସନୁ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳର ସଫଳତା



ସଫଳତା ହାସଲ କରିଥିବା ପ୍ରତିଯୋଗୀମାନେ।

**ବଣ୍ଟଁରପାଳ,୨୩।୧(ଡି.ଏନ.ଏ.)**

ଓଡିଶା ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳର ଖେଳାଳିମାନେ ସଫଳତା ହାସଲ କରିଛନ୍ତି। କଟକ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଗତ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଟାଏକୋଣ୍ଡୋ ସଂଘ ଆନୁକୂଲ୍ୟରେ ଓଡିଶା ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ମନମୋହନ ଭଞ୍ଜଙ୍କ ନେତୃତ୍ୱରେ ବିଭିନ୍ନ ଜିଲାରୁ ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦକ ପ୍ରମୋଦ ପ୍ରଧାନ, କୋଚ ପୀତାମ୍ବର ନାହାକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ବହୁ ପ୍ରତିଯୋଗୀ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ଆଦି ପଦକ ହାସଲ କରିଛନ୍ତି।

# ଦ୍ୱାରଶୁଣୀ ଘାଟିରେ ଟ୍ରେଲର ଓଲଟି ଚାଳକ ମୃତ

**ବାଙ୍ଗିରିପୋଷି,୨୩।୧(ଡ଼ି.ଏନ୍.ଏ.)**

ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ଗୁରୁବାର ଏକ ଟ୍ରେଲର ଓଲଟି ଏହାର ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ବେଳେ ଟ୍ରେଲରଟି ଘାଟିରୁ ଓହ୍ଲାଉଥିବା ବେଳେ ଭାରସାମ୍ୟ ହରାଇ ୫୦ ଫୁଟ ତଳକୁ ଖସି ପଡ଼ିଥିଲା । ଗାଡ଼ିର ଖଲାସୀ ଡେଇଁ ପଡ଼ି ବର୍ତ୍ତି ଯାଇଥିବା ବେଳେ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତ ଚାଳକ ହେଲେ ଝାଡଖଣ୍ଡ ରାଜ୍ୟ ଦୁଘାରୱା ଅଞ୍ଚଳର ପିଣ୍ଟୁ କୁମାର ବର୍ମା । ଖବର ପାଇ ବାଙ୍ଗିରିପୋଷି ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୮/୨୦) ରୁଜୁ ହୋଇଛି।

# ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର




ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱତନ୍ତ୍ର ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ଏହାକୁ ଅଧ୍ୟକ୍ଷ ଭଗବାନ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ରବିନାରାୟଣ ରାଉତ, ସମ୍ମାନିତ ଅତିଥି ଅଧ୍ୟାପିକା ସୁବ୍ରତା ବିଶ୍ୱାଳ, କୁମୁଦିନୀ ବେହେରା ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦୀପ୍ତିରଞ୍ଜନ ମହାଳିକଙ୍କ ସଂଯୋଜନାରେ ଶିବିରାର୍ଥୀମାନଙ୍କୁ ନେଇ ଦୈନିକ ଅଧିବେଶନ ଅନୁଷ୍ଠିତ ହେବ। ପୋଷ୍ୟଗ୍ରାମ ବାଲିକିଆରୀରେ ସ୍ୱଚ୍ଛତା ଅଭିଯାନ, ଜଳ ସଂରକ୍ଷଣ ବିଷୟରେ ସଚେତନତା ବାର୍ତ୍ତା ବଣ୍ଟାଯିବ। ଏଥିସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ପରିବା ଚାଷ ଏବଂ ସାକ୍ଷରତା ସମ୍ପର୍କରେ ଶିବିର ଅନୁଷ୍ଠିତ ହେବ।

# ୮୬ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**କଣିହାଁ,୨୩।୧(ଡି.ଏନ.ଏ.)**

କଣିହାଁ ବ୍ଲକ ପ୍ରଶାସନ ତରଫରୁ ଗୁରୁବାର ପବିତ୍ରନଗର ସଭାଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବିଡିଓ ରମେଶ କୁମାର ଜେନା, ଏବିଡିଓ ବିଜୟ ମେହେର ଉପସ୍ଥିତ ରହି ତାଳଚେର ବିଧାନସଭା ନିର୍ବାଚନକ୍ଷେତ୍ରର ୮୬ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ଲକ କର୍ମଚାରୀ ସୀମାରାଣୀ ସାହୁ, ଶରତ ଚନ୍ଦ୍ର ବିଶ୍ୱାଳ, ସନ୍ତୋଷ ମିଶ୍ରଙ୍କ ସହିତ ପଞ୍ଚାୟତ ଅଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ଉପସ୍ଥିତ ଅତିଥିମାନେ ଭତ୍ତା ପ୍ରଦାନ କରୁଛନ୍ତି।

# 'କୃଷିର ବିକାଶ ପାଇଁ ଅଧିକ ପ୍ରାଧାନ୍ୟ ଦିଆଯାଉ'

**ବଇଣ୍ଡା,୨୩।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ଗୋଲାସର ଗ୍ରାମରେ ଗୁରୁବାର ବଇଣ୍ଡା ବରିଷ୍ଠ ନାଗରିକ ମଞ୍ଚର ଜନସମ୍ପର୍କ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିରଞ୍ଚି ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗ୍ରାମ ସଭାପତି ଲୋଚନ ସାହୁ ଯୋଗଦେଇ କୃଷିର ବିକାଶ ଉପରେ ସମସ୍ତେ ପ୍ରାଧାନ୍ୟ ଦେବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଡାକ୍ତର ଚନ୍ଦ୍ରମଣି ପ୍ରଧାନ, ଗୁଣନିଧି ପ୍ରଧାନ, ମନୋରଞ୍ଜନ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ଅର୍ଜୁନ ସାହୁ, ଶରତ ଚନ୍ଦ୍ର ସାହୁ, ବିଚିତ୍ରାନନ୍ଦ ସାହୁ, ବୁଦ୍ଧଦେବ ଗଡ଼ନାୟକ, ବୃନ୍ଦାବନ ପ୍ରଧାନ, ଭଗବାନ ଘିଓ୍ୱାଲା, ଘନଶ୍ୟାମ ସାହୁ, ରମେଶ ଚନ୍ଦ୍ର ମିଶ୍ର, ଫଣି ଭୂଷଣ ପ୍ରଧାନ, ଅନାମ ସାହୁ, ଶ୍ରୀଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଠିକ୍ ସମୟରେ ଗୋରୁ, ଛେଳିଙ୍କୁ ଟିକା ଦେବା, ଔଷଧୀୟ ଚାରା ଲଗାଇବା, ବର୍ଷାଜଳ ସଞ୍ଚୟ କରି ଚାଷରେ ବ୍ୟବହାର କରିବା ଆଦି ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟଶିବିର ସହ ବିଦ୍ୟାଳୟରେ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷାବିତ୍ ନରେନ୍ଦ୍ର ବେହେରା ପରିଚାଳନା କରିଥିବା ବେଳେ ବହୁ ବରିଷ୍ଠ ନାଗରିକ ସହଯୋଗ କରିଥିଲେ।



ଜନସମ୍ପର୍କ ସେବା ଶିବିରରେ ଉପସ୍ଥିତ ମହିଳା ପୁରୁଷମାନେ।

## ସଂକ୍ଷେପରେ

### ନିଆଁରେ ପୋଡ଼ି ଗୁରୁତର ଥିବା ଛାତ୍ରୀଙ୍କ ମୃତ୍ୟୁ

ସୋର, ୨୩।୧(ଡି.ଏନ.ଏ.): ଦୀର୍ଘ ୪୦ଦିନ ଧରି ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଗଲେ କଲେଜ ଛାତ୍ରୀ ପ୍ରଜ୍ଞାପାରମିତା। ଗୁରୁବାର କଟକ ଏସସିବି ମେଡ଼ିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୧୩ ତାରିଖରେ ସୋର ବ୍ଲକ ଆଟପୁର ପଞ୍ଚାୟତ ସାରୁପଦା ଗ୍ରାମର ଈଶ୍ୱର ଚନ୍ଦ୍ର ମହାନ୍ତିଙ୍କ ଝିଅ କୁଡ଼େଇ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଜ୍ଞାପାରମିତା ମହାନ୍ତି (୧୭) ନିଜ ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଚୁଲାରୁ ଅଗ୍ନିକାଣ୍ଡ ଘଟି ଦେହର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ତାଙ୍କୁ ପ୍ରଥମେ ସୋର ଏବଂ ପରେ କଟକ ଏସ୍‌ସିବିକୁ ନେଇ ଚିକିତ୍ସା କରାଯାଉଥିଲା। ସେଠାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ମୃତଦେହକୁ ନିଜ ଗ୍ରାମ ସାରୁପଦା ଅଣାଯାଇ ଶେଷକୃତ୍ୟ କରାଯାଇଛି।

### ନଟାପଡା ଗ୍ରାମରୁ ଚୋରି

ଖଇରା, ୨୩।୧(ଡି.ଏନ.ଏ.):ଖଇରା ବ୍ଲକ ଅଞ୍ଚଳର ନଶିକାନ୍ତଙ୍କ ମହାନ୍ତିଙ୍କ ନଟାପଡା ଗ୍ରାମସ୍ଥିତ ଘରୁ ଚୋରି ହୋଇଯାଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ରାତି ପ୍ରାୟ ୨ଟା ବେଳେ ଆଲମିରାରେ ଥିବା ୩୦ହଜାର ଟଙ୍କା ଓ ଏକ ରୁପା ପାଉଁଜ ନେଇ ପଳାଇଥିବା ଜଣାପଡିଛି। ଖଇରା ପୋଲିସ ତଦନ୍ତ ଆରମ୍ଭ କରିଛି।

# ସଚେତନତା ଉପରେ ଜିଲାପାଳଙ୍କ ଗୁରୁତ୍ୱ

**ଜିଲା ଏଡ୍‌ସ ନିବାରଣ ଓ ନିୟନ୍ତ୍ରଣ କମିଟି ବୈଠକ**


ବୈଠକରେ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ଜିଲାରେ ଏଡ୍‌ସ୍ ଓ ଏଚ୍‌ଆଇଭି ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାସ୍ତରୀୟ ଏଡ୍‌ସ ନିବାରଣ ଓ ନିୟନ୍ତ୍ରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଏଡ୍‌ସ ଭୟାବହତାକୁ ଦୃଷ୍ଟିରେ ରଖି ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ଓ ନିୟମିତ ମାଗଣା ଔଷଧ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକ ସେମାନଙ୍କ ପାରିପାର୍ଶ୍ୱିକ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଟ୍ରକ୍ ଚାଳକ ଓ ହେଲ୍‌ପରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଡିପିଏମ୍ ଡାକ୍ତର ପ୍ରମିଳା ହୋତା ପାୱାର ପଏଣ୍ଟ ମାଧ୍ୟମରେ ଜିଲାରେ ଏଡସ୍ ଓ ଏଚ୍‌ଆଇଭି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ଶତକଡ଼ା ୯୫ ଭାଗ ଏଡସ୍ ରୋଗୀ ବାହାରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ୭୦ ହଜାର ୪୬ ଜଣଙ୍କ କାଉନସେଲିଂ ହୋଇଥିବାବେଳେ ୪ ଲକ୍ଷ ୧୪ ହଜାର ୪୪ ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ୧ ହଜାର ୯୪୨ ଜଣ ଏଚ୍‌ଆଇଭିରେ ଆକ୍ରାନ୍ତ ହୋଇଥିବା ସମ୍ପର୍କରେ ସେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ଏଡ୍‌ସ୍ ଓ ଏଚ୍‌ଆଇଭି ରୋଗର ଭୟାବହତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମକର୍ତ୍ତା, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ସାମାଜିକ କର୍ମୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ। ଶେଷରେ ଏଆର୍‌ଟି ସେଣ୍ଟର ସିନିୟର ମେଡିକାଲ ଅଫିସର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା, ୨୩।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବିଲେଇନାଳୀ ହାଇସ୍କୁଲ ପରିସରରେ ବୁଧବାର ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ନବ କିଶୋର ସାହୁ, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, ଧ୍ରୁବ ଚରଣ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ବିପିନ ପ୍ରଧାନ, ମନୋଜ ପାତ୍ର, ଅମୂଲ୍ୟ ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୦୦, ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ ଭଳି ଅନେକ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଟି ବିଦ୍ୟାଳୟର ୬୭୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୁର୍ଯ୍ୟୋଧନ ଗୁରୁ, ରଞ୍ଜନ କୁମାର ସାହୁ ପରିଚାଳନା କରିଥିଲେ।

# ଶାରୀରିକ ବିକାଶ ପାଇଁ ଖେଳକୁଦ ଆବଶ୍ୟକ


ଜଣେ ପ୍ରତିଯୋଗୀ ଉଚ୍ଚଡିଆଁ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

ବଅଁରପାଳ, ୨୩।୧(ଡି.ଏନ.ଏ.)

ବଅଁରପାଳ ପିଏସ୍‌ଏସ୍‌ଜେ ଡିଗ୍ରୀ କଲେଜ ପରିସରରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଗୋକୁଳା ନନ୍ଦ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଶଟପୁଟ ଥ୍ରୋ, ଡିସକସ ଥ୍ରୋ ଆଦି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଶାରୀରିକ ବିକାଶ ପାଇଁ ଖେଳକୁଦ ଅତ୍ୟନ୍ତ ଆବଶ୍ୟକ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ଭବାନୀ ଶଙ୍କର ପାଣିଗ୍ରାହୀ, ପ୍ରାର୍ଥବୀର ନାୟକ, ସୁନୀଲ କୁମାର ରଣା, ପ୍ରୀତମ ସାମଲ, ମଧୁସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭୂମିପୂଜା

କଣିହାଁ, ୨୩।୧(ଡି.ଏନ.ଏ.)

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗୁରୁବାର କଣିହାଁ ବ୍ଲକ ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନ ଯୋଜନାର ଭୂମିପୂଜନ ସହ ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। କଣିହାଁ ଶିବମନ୍ଦିରଠାରେ ସଂସ୍କୃତି ମଣ୍ଡପର ଭୂମିପୂଜା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅତ୍ୟାଧୁନିକ ଗୃହ, ପ୍ରତୀକ୍ଷା ହଲ, ମିନି ପାର୍କର ଉଦ୍‌ଘାଟନ କରିଥିଲେ। ଏହାବାଦ୍ ଗଦାଶୀଳା ପଞ୍ଚାୟତ ତଳସାହି ଓ ପ୍ରତାପପୁର ସାହିର ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଗ୍ରାମବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତା ସୁନୀଲ ପ୍ରଧାନ, ରଞ୍ଜନ ସାହୁ, ମିଡିଆସେଲ୍‌ର ନିର୍ମଳ ସାହୁ, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ୍ତ କୁମାର ପଟେଲ, ଡାକ୍ତର ଶଶୀକାନ୍ତ ତ୍ରିପାଠୀ, ରାକେଶ ମହାରଣା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାବାଦ୍ ସ୍ୱତନ୍ତ୍ର ଅତିଥି ଭାବେ ଟୋଲକବେଡା ଚେମିଣିଘଟି ପାହାଡ଼ଗୁମ୍ଫାରେ ମକରଉତ୍ସବ ଅବସରରେ ରହିଥିବା କନ୍ୟାକୁମାରୀ ଅନ୍ନପୂର୍ଣ୍ଣା ଆଶ୍ରମର ସନ୍ନ୍ୟାସୀ ସ୍ୱାମୀ ଉତ୍ତରା ଗିରି ଯୋଗଦେଇ ଜନକଲ୍ୟାଣ ବାର୍ତ୍ତା ଦେଇଥିଲେ।


ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତୀକ୍ଷା ହଲ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# କଠିନ ପରିଶ୍ରମ ସଫଳତା ଦିଏ


ପଞ୍ଚାୟତସ୍ତରୀୟ ସାମୂହିକ କ୍ରୀଡା ପ୍ରତିଯୋଗିତା ଅବସରରେ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

ଛେଣ୍ଡିପଦା, ୨୩।୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଖମାର ଚନ୍ଦନ ପଡିଆଠାରେ ଚାଲିଥିବା ପଞ୍ଚାୟତସ୍ତରୀୟ ସାମୂହିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ବାପୁଜୀ କଲେଜ ପ୍ରଧାପକ ପ୍ରଦୀପ କୁମାର କର, ସମ୍ମାନିତ ଅତିଥି ବାପୁଜୀ କଲେଜ ଅଧ୍ୟକ୍ଷ ଲୋକନାଥ ସାହୁ, ଅନ୍ୟତନ ସମ୍ମାନିତ ଅତିଥି ବାପୁଜୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମାଝି, ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ସାହୁ, ବିଧାୟକଙ୍କ ଜିଲ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। କଠିନ ପରିଶ୍ରମ କଲେ ସଫଳତା ଆପେ ମିଳିବ ବୋଲି ମୁଖ୍ୟଅତିଥି ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କ୍ରୀଡା ଅଧ୍ୟାପକ ଟଙ୍କଧର ବିଶ୍ୱାଳ, ଖେଳ ଶିକ୍ଷକ ବିପିନ କୁମାର ସାହୁ ପରିଚାଳନା କରିଥିଲେ। ପ୍ରମୋଦ କୁମାର ସାହୁ, ରମେଶ ସାହୁ, ଲମ୍ବୋଦର ସାହୁ, କଲ୍ଲୋଳ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ମାଧ୍ୟମିକ ସ୍କୁଲ ଶିକ୍ଷକ, କର୍ମଚାରୀ ସମ୍ମିଳନୀ


ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀମାନଙ୍କ ସମ୍ମିଳନୀ ତଳଗଡ଼ସ୍ଥିତ କଳାପାଟ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅର୍ଜୁନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶିଳ୍ପୀ ଦେ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଶାନ୍ତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଅନୁଗୋଳ ବ୍ଲକର ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଗତବର୍ଷ ଅବସର ଗ୍ରହଣ କରିଥିବା ୧୩ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଅଙ୍ଗପଡ଼ା କଲେଜରେ ବୃତ୍ତିଗତ କର୍ମଶାଳା

ବଇଣ୍ଡା, ୨୩।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଙ୍ଗପଡ଼ା କଲେଜରେ ବୁଧବାର ବୃତ୍ତିଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବଳରାମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ବନ ବିଭାଗ କର୍ମଚାରୀ ଶୈଳେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କିଭଳି ଛାତ୍ରୀଛାତ୍ରମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭବାନୀଶଙ୍କର ପ୍ରଧାନ, ଜ୍ଞାନେନ୍ଦ୍ର ବିଶ୍ୱାଳ, ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଶୁତୋଷ ମିଶ୍ର ପରିଚାଳନା କରିଥିଲେ। ଛାତ୍ରୀ ସ୍ମିତାଲିକା ବାଘ ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ପବିତ୍ରନଗର, ୨୩।୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ଜୁନିୟର କଲେଜରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଧନେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ନାରାୟଣ ରାଉତ ହୋଟେଲ ମ୍ୟାନେଜମେଣ୍ଟ ସହିତ ଅନ୍ୟାନ୍ୟ ମ୍ୟାନେଜମେଣ୍ଟ ଶିକ୍ଷା ଲାଭକରି ଛାତ୍ରୀଛାତ୍ରମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ରିସୋର୍ସ ପର୍ସନ ଭାବେ ଅନୁଗୋଳର ଇମ୍ପାରିଆଲ କଲେଜ ଅଧ୍ୟାପକ ଦୁର୍ଗାପ୍ରସାଦ ଦାସ ଯୋଗଦେଇ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପରେ ପିଲାମାନେ କେମିତି ହୋଟେଲ ମ୍ୟାନେଜମେଣ୍ଟ, ଟୁରିଜମ ମ୍ୟାନେଜମେଣ୍ଟ, ଏୟାରଲାଇନ୍ସ ଓ ଏୟାରପୋର୍ଟ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଆଦରି ନିଯୁକ୍ତି ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଇମ୍ପାରିଆଲ କଲେଜ ଅଧ୍ୟକ୍ଷ ବିକାଶ ପ୍ରଧାନ, ଅଧ୍ୟାପକ ସୁଧାଂଶୁ ଶେଖର ରାଣା ଯୋଗଦେଇଥିଲେ। ସଂଯୋଜକ ଅଧ୍ୟାପକ ରବୀନ୍ଦ୍ର କୁମାର ଗଡନାୟକ ପରିଚାଳନା କରିଥିଲେ।

# ନିମ୍ନମାନର କାର୍ଯ୍ୟ ହେଲେ କାର୍ଯ୍ୟାନୁଷ୍ଠାନ

■ସମଲ ବ୍ୟାରେଜ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳିତ

■କେନାଲ ନିର୍ମାଣ କାର୍ଯ୍ୟକୁ ନେଇ ଚାଷୀ ଅସନ୍ତୋଷ


ବିଧାୟକ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପବିତ୍ରନଗର, ୨୩।୧(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଜଳସେଚନ ବଙ୍ଗଳା ଠାରେ ବୁଧବାର ମୁଖ୍ୟ କର୍ମ ବିଭାଜନ ସମଲ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ ହୋଇଯାଇଛି। ଏଥିରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମଲ ବ୍ୟାରେଜ ମୁଖ୍ୟଯନ୍ତ୍ରୀ ଭାରତ ଭୂଷଣ ଦାସ, ମୁଖ୍ୟବକ୍ତା ଭାବେ ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତି ରଞ୍ଜନ ପଣ୍ଡା, ଅନ୍ୟତମ ଅତିଥି ଭାବେ ତାଳଚେର ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା, ବ୍ୟାରେଜ ଅଧୀନ ପାଣି ପଞ୍ଚାୟତ ଆପେକ୍ସ କମିଟି ଚେୟାରମ୍ୟାନ ତଅଁଲୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ବାହୀ ଯନ୍ତ୍ରୀ ବିଶ୍ୱମୋହନ ବରାଳ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଗ୍ରାମକୁ ନେଇ ଗଠିତ ପାଣି ପଞ୍ଚାୟତ ମାଧ୍ୟମରେ ଜଳର ସୁପରିଚାଳନା, ସୁବିନିଯୋଗ, କେନାଲ ଗୁଡିକର ରକ୍ଷଣାବେକ୍ଷଣ ଯେପରି ଠିକଣା ଭାବେ ହୋଇପାରିବ ସେ ନେଇ ଅତିଥିମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ପାରମ୍ପରିକ ଚାଷ ବ୍ୟତୀତ ଅର୍ଥକରୀ ଫସଲ ଆଧୁନିକ ପ୍ରଣାଳୀରେ ଚାଷ କରି ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚାଷୀ ଗଣେଶ୍ୱର ମାଝି ଓ ଗୁରୁ ସାମଲଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଆପେକ୍ସ କମିଟି ଚେୟାରମ୍ୟାନ ପର୍ଜଙ୍ଗ ଅଞ୍ଚଳର ଚାଷୀ ତଅଁଲୁ ସାହୁ କେନାଲ ନିର୍ମାଣ ଓ ମରାମତିରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ନିର୍ବାହୀ ଯନ୍ତ୍ରୀ ବିଶ୍ୱମୋହନ ବରାଳ ବିଭାଗରେ କର୍ମଚାରୀ ଅଭାବକୁ ଆଳ କରିଥିଲେ ହେଁ ନିର୍ମାଣ କାର୍ଯ୍ୟ ଖରାପ ହେଉଥିଲେ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବ୍ୟାରେଜ ଅଧୀନ ତିନୋଟି ପାଣି ପଞ୍ଚାୟତର ସଭାପତି, ସଦସ୍ୟ ଓ ଚାଷୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଆବାସିକ ବିଦ୍ୟାଳୟ ସମ୍ମୁଖରେ ଧାରଣା

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ସଦର ଥାନା ବଳଦିଆବନ୍ଧ ଅଞ୍ଚଳର ଏକ ଆବାସିକ ବିଦ୍ୟାଳୟରେ ଅଧାପିକା ମାଡ଼ ମାରିବାରୁ ଯୁକ୍ତ ୨ରେ ପଢୁଥିବା ଜଣେ ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ସମ୍ପୃକ୍ତ ଛାତ୍ରଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଛାତ୍ରୀଛାତ୍ରମାନେ କଲେଜ ଆଗରେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, କଲେଜରେ ଜଣେ ଅଧାପିକା ପିଟିବାରୁ ଛାତ୍ର ଜଣକ ମାତ୍ରାଧିକ ଔଷଧ ଖାଇଦେଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୂଚନା ପାଇ ଛାତ୍ରଙ୍କ ବାପା ପହଞ୍ଚି ତନାଘନା କରିଥିଲେ। ଆନ୍ଦୋଳନରତ ପିଲାଙ୍କ କହିବା କଥା, ଶିକ୍ଷାନୁଷ୍ଠାନରେ ଅନେକ ସମସ୍ୟା ଲାଗି ରହିଛି। ପ୍ରତିବାଦ କରିବା ସତ୍ତ୍ୱେ ସ୍କୁଲ କର୍ତ୍ତୃପକ୍ଷ ଏହାର ସମାଧାନ କରୁନାହାନ୍ତି। ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ କୁହନ୍ତି, ପୂର୍ବରୁ ଉକ୍ତ ଛାତ୍ରଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ଶିକ୍ଷାନୁଷ୍ଠାନରୁ ବାହାର କରିବାକୁ ପଦକ୍ଷେପ ନିଆଯାଇଥିଲା। ସେ ଲିଖିତ ପ୍ରତିଶ୍ରୁତି ଦେବାପରେ ଏହାର ସମାଧାନ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ପହଞ୍ଚି ବୁଝାଶୁଝା କରିବା ପରେ ଘଟଣାର ସମାଧାନ ହୋଇଛି।

### ୩ ଅଭିଯୁକ୍ତଙ୍କୁ ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨୩।୧:** ଗଁଦିଆ ଜେଏମ୍ଏଫ୍ସି ଅଦାଲତରେ ୨୦୦୬ରେ ସଂଘଟିତ ଆକ୍ରମଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ବିଚାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ ମାମଲାର ଅଭିଯୁକ୍ତ ଅକ୍ଷୟ ପାଗଡ଼, ସୁନାକର ପାଗଡ଼ ଏବଂ ଯୁଗଳ ପାଗଡ଼ଙ୍କୁ ୧୦ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଛନ୍ତି। ଏଥିସହ ୨ବର୍ଷ ଯାଏ ଜିଲା ପ୍ରୋବେଶନ ଅଧିକାରୀଙ୍କ ପର୍ଯ୍ୟବେକ୍ଷଣରେ ରହି ଆଚାର, ବ୍ୟବହାରରେ ପରିବର୍ତ୍ତନ ଆଣିବା ଏବଂ କୌଣସି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ନ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ଅରୁଣ ପାଗଡ଼ଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ମାମଲାକୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ହେମନ୍ତ ଖଟୁଆ ପରିଚାଳନା କରିଥିଲେ। ୨୦୦୬ ଅକ୍ଟୋବର ୧୨ ରାତରେ ପୁରୁଣାଅମାଙ୍ଗ ଗ୍ରାମର ନିରଞ୍ଜନ ବେଜ୍ଙ୍କୁ ଅକ୍ଷୟ, ସୁନାକର, ଯୁଗଳ ଏବଂ ଅରୁଣ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦ କରିବାକୁ ଆସିଥିବା ନିରଞ୍ଜନଙ୍କ ସାନଭାଇ କ୍ଷୀରୋଦ ମଧ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ନିରଞ୍ଜନଙ୍କ ମା'ଙ୍କ ଅଭିଯୋଗକ୍ରମେ ନଂ. ୧୩୪/୨୦୦୬ରେ ମାମଲା ରୁଜୁ ହୋଇଥିଲା। ୬ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

# ବିନା ମଷ୍ଟର ରୋଲ୍‌ରେ ଡ୍ରେନ୍ କାମ

## ପ୍ରଧାନମନ୍ତ୍ରୀ ଆବାସ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଗନ୍ଧ



**ପରଜଙ୍ଗ, ୨୩।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେଳେଙ୍କାରୀ ପରେ ଏବେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଗନ୍ଧ ବାରିହୋଇପଡ଼ିଛି। ଫାଇଲ ଖୋଲିନି, ସୂଚନା ଫଳକ ନାହିଁ। ବିନା ମଷ୍ଟର ରୋଲ୍‌ରେ ହେଉଛି କାମ। ପଥରଖମ୍ବ ପଞ୍ଚାୟତ କାମର୍ଦ୍ଦା ନୀଳାପଶି ସାହିରେ ଚାଲିଥିବା ଡ୍ରେନ୍ ନିର୍ମାଣରେ ଏପରି

- ଫାଇଲ ଖୋଲିନି, ବିନା ଫଳକରେ କାମ
- ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ
- ବିଲ୍ କରାଯିବନାହିଁ: ବିଡିଓ

ଅନିୟମିତତା ହେଉଥିବା ଅଞ୍ଚଳବାସୀ ବ୍ଲକ କର୍ତ୍ତୃପକ୍ଷଙ୍କନିକଟରେଅଭିଯୋଗକରିଛନ୍ତି।

ନୀଳାପଶି ସାହିରେ ଡ୍ରେନ୍ ନିର୍ମାଣ ଲାଗି ୩ଲକ୍ଷ ଟଙ୍କା ଏଷ୍ଟିମେଟ୍ ହୋଇଛି। ହେଲେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ କାମ ଚାଲିଛି। ବିନା ମଷ୍ଟର ରୋଲ୍‌ରେ କାମ କରିବା ନିୟମ ନ ଥିବାବେଳେ ଠିକାଦାର କାମ କରୁଛନ୍ତି। ଗ୍ରାମବାସୀଙ୍କ କହିବା କଥା, କାମ ହେଉଥିବା ସ୍ଥାନରେ ସୂଚନା ଫଳକ ଲେଖାଯାଇନାହିଁ। ନିର୍ମାଣ ସାମଗ୍ରୀ ନିୟମ ଅନୁଯାୟୀ ବ୍ୟବହାର କରାଯାଉନାହିଁ। ଚିପ୍ସ ସ୍ଥାନରେ ମେଟାଲ ବ୍ୟବହାର ହେଉଛି। ଡ୍ରେନ୍ ମଧ୍ୟ ଠିକ୍ ଭାବେ ନିର୍ମାଣ କରାଯାଉନାହିଁ। ଏହାକୁ ନେଇ ଅଭିଯୋଗ ହେବା ପରେ କନିଷ୍ଠ ଯନ୍ତ୍ରୀ ଗାୟତ୍ରୀ ସାହୁ, ଜିଆରଏସ୍ କାଳିନ୍ଦୀ ପରିଡ଼ା ପହଞ୍ଚି ତଦନ୍ତ କରିଛନ୍ତି। ବିନା ମଷ୍ଟର ରୋଲ୍‌ରେ କାମ ହେଉଥିବା କଥା ଅଧିକାରୀମାନେ ଜାଣିଛନ୍ତି। ତଥାପି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଫାଇଲ ନ ଖୋଲି କାମ ହେଉଥିବା ଅଭିଯୋଗକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜନ ସାହୁ, ଜେଇ ଗାୟତ୍ରୀ ସାହୁ ସ୍ୱୀକାର କରିଛନ୍ତି। ଏଥିସହ କାମ ବନ୍ଦ ରଖିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଠିକାଦାର ମନଇଚ୍ଛା କାମ କରୁଥିବା ଦୁଇ ଅଧିକାରୀ କହିଛନ୍ତି। ଏ ନେଇ ବିଡିଓ ବସନ୍ତ କୁମାର ମଲ୍ଲିକ କୁହନ୍ତି, ବିନା ମଷ୍ଟର ରୋଲ୍‌ରେ କାମ ହେଉଥିବାରୁ ଠିକାଦାରଙ୍କ କୌଣସି ବିଲ୍ କରାଯିବନାହିଁ। ଏ ସମ୍ପର୍କରେ ଅବଗତ ଥାଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀ କାମ ଦେଖିବାକୁ ଯାଇଥିଲେ। ସେଥିଲାଗି ଉଭୟଙ୍କୁ ତାଗିଦ୍ କରାଯାଇଛି। ଏପରି ତ୍ରୁଟି ଆଗକୁ ଯେପରି ନ ହୁଏ ସେଥିଲାଗି ସଚେତନ ହେବାକୁ କୁହାଯାଇଛି।

## ଦନ୍ତା ପାଇଁ ପର୍ଯ୍ୟଟକ ନିରାଶ



**ଢେଙ୍କାନାଳ ଅଫିସ, ୨୩।୧**

ନରହନ୍ତା ଦନ୍ତାର ଆତଙ୍କ ଲାଗି ସୁରକ୍ଷା ଦୃଷ୍ଟିରୁ କପିଳାସ ଚିଡ଼ିଆଖାନାକୁ ବନ୍ଦ ରଖାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ପର୍ଯ୍ୟଟକମାନେ ନିରାଶରେ ଫେରିଥିଲେ। ଗୁରୁବାର ନେତାଜୀ ଜୟନ୍ତୀ ପାଇଁ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ଫଳରେ ଜିଲା, ରାଜ୍ୟ ସମେତ ପଶ୍ଚିମବଙ୍ଗରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ। ହେଲେ ନରହନ୍ତା ଦନ୍ତା ଅଣାୟତ୍ତ ହୋଇପଡ଼ିଥିବାରୁ ଚିଡ଼ିଆଖାନା ବନ୍ଦ ରଖିବାକୁ ଜୁ' କର୍ତ୍ତୃପକ୍ଷ ବାଧ ହୋଇଥିଲେ।

## ଜଙ୍ଗଲରେ ଠୁଳ ହେଉଛନ୍ତି ହାତୀ

ଦନ୍ତାର ଗର୍ଜନରେ ପ୍ରକମ୍ପିତ ହେଉଛି ସମଗ୍ର କପିଳାସ ଅଭୟାରଣ୍ୟ। ଏହା ଏବେ ନୂଆ ସମସ୍ୟା ସୃଷ୍ଟି କରିଛି। ହାତୀର ଗର୍ଜନ ଶୁଣି ଜଙ୍ଗଲ ଇଲାକାରେ ଠୁଳ ହେଉଛନ୍ତି ଜଙ୍ଗଲୀ ହାତୀ। କାଳେ ଉକ୍ତ ହାତୀପଲ କ୍ଷୟକ୍ଷତି ଘଟାଇବେ ସେ ନେଇ ସତର୍କ ହୋଇ ଉଠିଛି ବନ ବିଭାଗ। ବନ କର୍ମଚାରୀ, ହାତୀ ସ୍କ୍ୱାଡ୍ ରାତ୍ରକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିଛନ୍ତି। ଏଥିସହ ଦନ୍ତାର ସୁରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶରୀରକୁ ସୁସ୍ଥ ରଖେ ଖେଳକୁଦ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ଯୋଗଦେଇ କହିଲେ, ଖେଳକୁଦ ଶରୀରକୁ ସୁସ୍ଥ ରଖେ। ସ୍ୱାସ୍ଥ୍ୟବାନ ରହିବାକୁ ହେଲେ ନିୟମିତ ଖେଳ, କସରତ ଏବଂ ବ୍ୟାୟାମ କରିବା ଆବଶ୍ୟକ। ଶରୀରର ଯତ୍ନ ନେଉଥିବା ବ୍ୟକ୍ତି ବାସ୍ତବରେ ସୁଖୀ ବୋଲି ସେ ମତବ୍ୟକ୍ତ କରିଥିଲେ। କଲେଜ ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ସଂସଦ ଉପସଭାପତି ଡ. ପୂର୍ଣ୍ଣଚନ୍ଦ୍ର ବରାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ମହିଳା ବର୍ଗରେ ସୀମା ସାହୁ ଏବଂ ପୁରୁଷ ବିଭାଗରେ ସିଣ୍ଟୁ ଶର୍ମା ଚାମ୍ପିୟନ ହୋଇଛନ୍ତି। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ଅଧ୍ୟାପକ ଅଦ୍ୱୈତ ସାହୁ, ଡ. ରମେଶ ଚନ୍ଦ୍ର ବେହେରା, କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର, ଘନଶ୍ୟାମ ହୋତା, ହିମାଂଶୁ ପ୍ରସାଦ ସିଂ, ପ୍ରଦୀପ ଜେନା, ସସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଆଁରେ ପୋଡ଼ି ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

**ସୋର, ୨୩।୧(ଡି.ଏନ.ଏ.)**

ଦୀର୍ଘ ୪୦ଦିନ ଧରି ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଗଲେ କଲେଜ ଛାତ୍ରୀ ପ୍ରଜ୍ଞାପାରମିତା। ଗୁରୁବାର କଟକ ଏସ୍‌ସିବି ମେଡ଼ିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଗତ ଡିସେମ୍ବର ୧୩ରେ ସୋର ବ୍ଲକ ଆଟପୁର ପଞ୍ଚାୟତ ସାରୁପଦା ଗ୍ରାମର ଈଶ୍ୱର ଚନ୍ଦ୍ର ମହାନ୍ତିଙ୍କ ଝିଅ କୁଡ଼େଇ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରଜ୍ଞାପାରମିତା ମହାନ୍ତି (୧୭) ଘରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଚୁଲାରୁ ଅଗ୍ନିକାଣ୍ଡ ଘଟି ଦେହର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ତାଙ୍କୁ ପ୍ରଥମେ ସୋର ଏବଂ ପରେ କଟକ ଏସ୍‌ସିବିକୁ ନେଇ ଚିକିତ୍ସା କରାଯାଉଥିଲା। ସେବେଠାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ମୃତଦେହକୁ ନିଜ ଗ୍ରାମ ସାରୁପଦା ଅଣାଯାଇ ଶେଷକୃତ୍ୟ କରାଯାଇଛି।

## ପଥରଆଡ଼ି ମନ୍ଦିରରୁ ଚୋରି

**ଭଦ୍ରକ ଅଫିସ, ୨୩।୧**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଚରମ୍ପା ପଥରଆଡ଼ି ରାଧାକୃଷ୍ଣ ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। ଚୋରମାନେ ରାଧାକୃଷ୍ଣଙ୍କ ପିତ୍ତଳ ମୂର୍ତ୍ତି ୩ ହଳ ସହ ସୁନା ଅଳଙ୍କାର, ଦାନବାକ୍ସ ଓ ମନ୍ଦିର ମାଇକ୍ ସେଟ୍ ଚୋରି କରି ନେଇଯାଇଛନ୍ତି। ପୂଜକଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ଜଳିଗଲା ୧୨ ବଖରା



**ବନ୍ତ,୨୩।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ମହାନ୍ତିପଡ଼ା କୁଣ୍ଡି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୨ ବଖରା ଜଳି ଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ସୁଶାନ୍ତ ସାହୁଙ୍କ ୩ ବଖରା ଓ ଟେଣ୍ଟ ହାଉସ ସାମଗ୍ରୀ, ସୁରେଶ ସାହୁଙ୍କ ୨, ଗୋବର୍ଦ୍ଧନ ପୃଷ୍ଟି, ଜିତେନ୍ଦ୍ର ପୃଷ୍ଟି ଓ ବିଜୟ ପୃଷ୍ଟିଙ୍କ ବଖରାଏ ଲେଖାଏ, ମନୋରଞ୍ଜନ ପୃଷ୍ଟି ଓ ଦୟାନିଧି ପୃଷ୍ଟି ୨ ବଖରା ଲେଖାଏ ପୋଡ଼ି ଯାଇଛି। ଘରେ ଥିବା ଟିଭି, ଫ୍ରିଜ, ଅଳଙ୍କାର, ନଗଦ ଟଙ୍କା ଓ ସମସ୍ତ ଆସବାବପତ୍ର ଆନୁମାନିକ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଆଗରପଡ଼ା ଅଗ୍ନିଶମ କେନ୍ଦ୍ରରୁ ୨ଟି ଦମକଳ ପହଞ୍ଚି ନିଆଁ ଲିଭାଇଥିଲା। ଅଗ୍ନିବିପନ୍ନ ପରିବାର ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରିବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିକାଶରେ ସହଭାଗୀ ହେବାକୁ ଆହ୍ୱାନ



ବାର୍ଷିକ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ,୨୩।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଣ୍ଣ ଚିକିତ୍ସାଳୟର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରିୟବ୍ରତ ଧୀର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷିତ ହୋଇ ସୁନାମ ଆଣିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଅଞ୍ଚଳର ବିକାଶରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ରମାକାନ୍ତ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ହରିହର ସାହୁ ମଞ୍ଚାସୀନ ଥିଲେ। ଶିକ୍ଷାନୁଷ୍ଠାନ ହେଉଛି ମନ୍ଦିର। ଏହାକୁ ଗଢ଼ି ତୋଳିବାରେ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଜିଲା ପରିଷଦ ସଭ୍ୟା ରଶ୍ମିଶ୍ରୀ ମହାଲିକ, ସମିତିସଭ୍ୟ ଟଙ୍କଧର ବାରିକ, ସରପଞ୍ଚ ଯୋଗେନ୍ଦ୍ର ସେଠୀ, ସିଆର୍‌ସିସି ବିଚିତ୍ରାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀତିଶ ଚନ୍ଦ୍ର ରାଉତ ସଭା ପରିଚାଳନା କରିଥିବାବେଳେ ହରପ୍ରସାଦ ସେଠୀ ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାରିହାପୁର କ୍ରିକେଟ ଟୁର୍ନାମେଣ୍ଟ: ଲୋଧଣି ଚାମ୍ପିୟନ

**ପରଜଙ୍ଗ, ୨୩।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁରସ୍ଥିତ ବାବା ଗୋବିନ୍ଦ ଦାସ ଖେଳପଡ଼ିଆରେ ଚାଲିଥିବା ବାରିହାପୁର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଚାନ୍ଦପୁର ମାତୃଶକ୍ତି କ୍ରିକେଟ କ୍ଲବକୁ ହରାଇ ଲୋଧଣି ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲୋଧଣି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଚାନ୍ଦପୁର ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ମାତ୍ର ୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ନରେନ୍ଦ୍ର ବିଶ୍ୱାଳ, ରଞ୍ଜନ କୁମାର ସାହୁ ଅମ୍ପାୟର ରହିଥିବାବେଳେ ସୁନୀଲ ସାହୁ, ଚିଣ୍ଟୁ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦିବ୍ୟରଞ୍ଜନ ସାହୁ ଧାରା ବିବରଣୀ ଦେଇଥିଲେ।

ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ସମ୍ମାନିତ ଅତିଥି ଗ୍ରାମ ସଭାପତି କୈଳାସ ଚନ୍ଦ୍ର ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଭୂପେଶ ଚନ୍ଦ୍ର ପ୍ରଧାନ, ଏସ୍‌ଆଇ ସରୋଜ ସେଠୀ, ସାମାଜିକ କର୍ମୀ ହିମାଂଶୁ ଭୂଷଣ ବାରିକ, ଟୁର୍ନାମେଣ୍ଟର ମ୍ୟାନେଜର ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ୧୧,୧୧୧ ଏବଂ ରନର୍ସ ଅପ୍ ଦଳକୁ ୫,୦୦୫ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବ୍ୟାଟିଂ, ବୋଲିଂ ସହିତ ଅନ୍ୟ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ନରେନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ୍ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ବାଉଁଶପୋଖରୀରେ ହାତୀ ଉପଦ୍ରବ

**ହିନ୍ଦୋଳ, ୨୩।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତରେ ଏକ ପଲରେ ଥିବା ୧୨ରୁ ଊର୍ଦ୍ଧ୍ୱ ହାତୀ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସୁନ୍ଦରାପାଳ ଗ୍ରାମର ସୁରେଶ ସାହୁ, ପଞ୍ଚାନନ ସାହୁ, ଧୂଳିଆ ଗୋଚ୍ଛାୟତଙ୍କ ଖଳାରେ ପଶି ହାତୀପଲ ୧୦ ଭରଣ ଧାନ ଖାଇଯାଇଥିବା ଅଭିଯୋଗ ହୋଇଛି। ଧାନ ଅମଳ ସମୟରେ ଏପରି ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଏହାର ପ୍ରତିକାର କରିବା ସହ କ୍ଷତିପୂରଣ ଦେବାକୁ ଦାବି ହେଉଛି।

### ସୁଭାଷଙ୍କ ଦେଶପ୍ରେମର ପଟ୍ଟାନ୍ତର ନାହିଁ

**ଢେଙ୍କାନାଳ ଅଫିସ, ୨୩।୧:** ଢେଙ୍କାନାଳ ଜିଲା ଲେଖକ ସଂସଦ ସଂସ୍କୃତି ଭବନରେ ଗୁରୁବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସୁଭାଷଙ୍କ ତ୍ୟାଗ, ଆଦର୍ଶମୟ ଜୀବନ ଏବଂ ଦେଶପ୍ରେମର ପଟ୍ଟାନ୍ତର ନାହିଁ। ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ର ପରମାନନ୍ଦ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ମନୋରଞ୍ଜନ ନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିବାବେଳେ ଏଆଇଡିଏସ୍‌ର ବିନୋଦ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ନିର୍ଭୀକ ହେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୨୩।୧:** ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୁରାତନ ଗାଦିମଠ ପରିସରରେ ଗୁରୁବାର ନେତାଜୀ ସୁଭାଷ ବୋଷ ଏବଂ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଦେଶର ଯୁବପିଢ଼ି ନେତାଜୀ ଏବଂ ବୀର ସୁରେନ୍ଦ୍ରଙ୍କ ଭଳି ନିର୍ଭୀକ ହେବା ଉଚିତ ବୋଲି ମଞ୍ଚର ସ୍ଥାୟୀ ସଭାପତି ବିଜୟ ମିଶ୍ର ଆହ୍ୱାନ ଦେଇଥିଲେ। ଉପଦେଷ୍ଟା ମୁରଲୀଧର ରାଉତ, ହେମନ୍ତ କୁମାର ବ୍ରହ୍ମ, ଉପସଭାପତି କାଳିନ୍ଦୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହିଳାଙ୍କ ପରଲୋକ



**ସାତମାଇଲ, ୨୩।୧ (ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଦୁଦୁରୁକୋଟ ଗ୍ରାମର ଧର୍ମପ୍ରାଣା ମହିଳା ମେଘମାଳା ସାମଲ (୬୨)ଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଅପରାହ୍ନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଅନୁଗୋଳ ଡାକ୍ତରଖାନା ନିଆଯାଉଥିବା ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଶ୍ମଶାନକୁ ନିଆଯାଇଥିଲା। ପୁଅ ରୂପକ ସାମଲ ମୁଖାଗ୍ନି ଦେଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜାଳେଣିରୁ ଜଙ୍ଗଲ ମୋହ



ଗ୍ରାମବାସୀ ଜଙ୍ଗଲର ତଦାରଖ କରୁଛନ୍ତି।

**କାମାକ୍ଷାନଗର, ୨୩।୧**
**(ସୁଧୀର କୁମାର ପରିଡ଼ା)**

**କାନପୁରାବାସୀଙ୍କ ଉତ୍ସର୍ଗୀକୃତ ମନୋଭାବ**
- ୨୦୦ହେକ୍ଟରରେ ହସୁଛି ସବୁଜବନାନୀ
- ୨୮ ବର୍ଷ ହେଲା ପାଳିକରି ଦେଉଛନ୍ତି ପହରା

ସୂର୍ଯ୍ୟ ଉଇଁଲେ ଆରମ୍ଭ ହୁଏ ଅଭିଯାନ। କାନ୍ଧରେ କୁରାଢ଼ି, ହାତରେ ଠେଙ୍ଗା ଧରି ଦଳେ ପଶନ୍ତି ଜଙ୍ଗଲ ଭିତରକୁ। ଦିନତମାମ ବଣଡଙ୍ଗରରେ ବୁଲନ୍ତି। ତନାଘନା କରନ୍ତି। ସେମାନଙ୍କ ଫେରିବା ବାଟକୁ ଚାହିଁ ରହିଥାନ୍ତି ଆଉ ଦଳେ। ଦିନେ ନୁହେଁ କି ଦୁଇଦିନ, ଦୀର୍ଘ ୨୮ବର୍ଷ ହେଲା ଦିନରାତି ଏକ୍ କରି ଜଙ୍ଗଲକୁ ନିଜ ସନ୍ତାନ ଭଳି ସୁରକ୍ଷା ଦେଇ ଆସୁଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର କାନପୁରାବାସୀ। ଜାଳେଣିରୁ ଜଙ୍ଗଲ ମୋହରେ ପଡ଼ିଥିବା ଗ୍ରାମବାସୀଙ୍କ ନିଷ୍ଠାପର ଉଦ୍ୟମ ଲାଗି ଏବେ ହେକ୍ଟର ହେକ୍ଟର ସବୁଜ ବନାନୀରେ ହସୁଛି ଅନନ୍ତପୁର ସଂରକ୍ଷିତ ଜଙ୍ଗଲ।

ଏକଦା ଉଜୁଡ଼ି ଯାଇଥିବା ଜଙ୍ଗଲ ଗ୍ରାମବାସୀଙ୍କ ପାଇଁ ସୃଷ୍ଟି କରିଥିଲା ଜାଳେଣି ସମସ୍ୟା। ଏହାର ସମାଧାନ କରିବାକୁ ଅଣ୍ଟା ଭିଡ଼ିଥିଲେ ସେମାନେ। ନୂଆ ଜଙ୍ଗଲ ସୃଷ୍ଟି କରିବା ଏବଂ ସେଥିରୁ ଜାଳକାଠ ସଂଗ୍ରହ କରିବା ଉଦ୍ଦେଶ୍ୟ ନେଇ ଏକାଠି ହେଲେ ଅଞ୍ଚଳବାସୀ। ଅନାବନା ଗଛ ସଫା କରି ଶାଳ, ପିଆଶାଳ ଭଳି ମୂଲ୍ୟବାନ ଗଛ ଲଗାଇଲେ। ୧୯୯୨ରୁ ଆରମ୍ଭ ହୋଇଥିବା ଏହି ମହତ୍ ଲକ୍ଷ୍ୟ ଦିନ ବିତିବା ସହ ଆହୁରି ଦୃଢ଼ ହୋଇଛି। ଗ୍ରାମବାସୀ 'କାନପୁରା ପ୍ରକୃତି ସୁରକ୍ଷା ସମିତି' ଗଠନ କରି ଜଙ୍ଗଲକୁ ସୁରକ୍ଷା ଦେଇ ଚାଲିଛନ୍ତି। ସମିତି ସଦସ୍ୟଙ୍କ ଉଦ୍ୟମରେ ସୃଷ୍ଟି ହୋଇଥିବା ୨୦୦ ହେକ୍ଟର ଘଞ୍ଚ ଜଙ୍ଗଲ ଏବେ ଏହାର ମୂକସାକ୍ଷୀ। କାମାକ୍ଷାନଗର–କଙ୍କଡ଼ାହାଡ଼ ରାସ୍ତାରେ ଜିରିଡ଼ାମାଳିଠାରୁ ମାତ୍ର ୨କିମି ଗଲେ ଦେଖିବାକୁ ମିଳିବ ବିଶାଳକାୟ ଦ୍ରୁମ, ଯାହା ପଛରେ ରହିଛି 'କାନପୁରା ପ୍ରକୃତି ସୁରକ୍ଷା ସମିତି' ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏହାଦ୍ୱାରା କେବଳ ଜଙ୍ଗଲ ବଢ଼ିଛି ତାହା ନୁହେଁ, ବରଂ କାଠ ମାଫିଆମାନେ ଜଙ୍ଗଲ ଉପରେ ଲୋଲୁପ ଦୃଷ୍ଟି ପକାଇବାକୁ ଭୟ କରୁଛନ୍ତି। ହେଲେ ଏଥିପାଇଁ ଗ୍ରାମବାସୀଙ୍କୁ କମ୍ କଷ୍ଟ କରିବାକୁ ପଡ଼ିନି। ମୂଲ୍ୟବାନ ଜଙ୍ଗଲକୁ କାଠ ମାଫିଆଙ୍କ କବଳରୁ ବଞ୍ଚାଇବାକୁ ସେମାନେ ସକାଳୁ ସନ୍ଧ୍ୟା ଏବଂ ସନ୍ଧ୍ୟାରୁ ସକାଳ ଯାଏ ଦୁଇ ପର୍ଯ୍ୟାୟରେ ଜଗୁଛନ୍ତି। କେବଳ ଏତିକି ନୁହେଁ, ଜଙ୍ଗଲ ସୁରକ୍ଷା ସମିତି ଗ୍ରାମବାସୀଙ୍କୁ ଏକାଠି ବାନ୍ଧି ରଖିବାରେ ସହାୟକ ହୋଇଛି। ସେମାନଙ୍କ ଦ୍ୱାରା ପରିଚାଳିତ ପଞ୍ଚାୟତିରାଜ ହାଇସ୍କୁଲ ଏବେ ରାଜ୍ୟର ଅନ୍ୟତମ ସଫଳ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ। ମହତ୍ ଉଦ୍ଦେଶ୍ୟ ନେଇ ଲକ୍ଷ୍ୟପଥରେ ଆଗେଇଗଲେ ସଫଳତା ନିଶ୍ଚିତ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି କାନପୁରାବାସୀ।

### ଆବଶ୍ୟକତା ଉଦ୍ଭାବନର ଜନନୀ



"କୁହାଯାଏ, ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ। କାଠ ଅଭାବ ହିଁ ଜଙ୍ଗଲ ସୁରକ୍ଷା ପାଇଁ ବାଟ କଢ଼ାଇଛି। ଛୋଟ ଗଛକୁ ବଡ଼ ଦ୍ରୁମରେ ପରିଣତ କରିବା ପଛରେ ରହିଛି ଗ୍ରାମବାସୀଙ୍କ ଏକତା। ବନ ବିଭାଗ ପକ୍ଷରୁ ମିଳୁଥିବା ଅନୁଦାନ ଯଥେଷ୍ଟ ନୁହେଁ, ତଥାପି ଜଙ୍ଗଲ ସୁରକ୍ଷାକୁ ଦାୟିତ୍ୱ ବୋଲି ଭାବିନେଇଛୁ।

ଦୋଳଗୋବିନ୍ଦ ରାଉତ , ଜଙ୍ଗଲ ସୁରକ୍ଷା କମିଟିର ପ୍ରଥମ ସଭାପତି

### ମାସେ ପୂର୍ବରୁ ନିର୍ଦ୍ଧାରିତ ହୁଏ ନୀତି



"ବଂଶାନୁକ୍ରମିକ ଭାବେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନେଇଆସୁଛୁ। ଗ୍ରାମର ୨୧୩ ପରିବାରକୁ ନେଇ କମିଟି ଗଠିତ ହୋଇଛି। ଠାକୁରଙ୍କ ନୀତି ଭଳି ଜଙ୍ଗଲ ସୁରକ୍ଷା ପାଇଁ ମାସକ ପୂର୍ବରୁ ନୀତି ନିର୍ଦ୍ଧାରଣ କରାଯାଏ। ସବୁ ଗ୍ରାମବାସୀ ଏପରି ମନୋଭାବ ପୋଷଣ କଲେ ପରିବେଶ ସୁରକ୍ଷିତ ରହିବ।

-ସୂର୍ଯ୍ୟକାନ୍ତ ବିଶ୍ୱାଳ, ସଭାପତି

### ବିଶେଷ ପ୍ରୋତ୍ସାହନ ମିଳୁନାହିଁ



"ସରକାରଙ୍କ ତରଫରୁ ବିଶେଷ ପ୍ରୋତ୍ସାହନ ମିଳୁନାହିଁ। ପ୍ରତି ପରିବାରରୁ ସଂଗୃହୀତ ଅର୍ଥରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ସହ ଗ୍ରାମର ବାର୍ଷିକ ଉତ୍ସବ ଆୟୋଜିତ ହୋଇଥାଏ। ଚୋରା କାଠ ବେପାରୀଙ୍କଠାରୁ ଆଦାୟ ଜରିମାନାକୁ ମଧ ଜଙ୍ଗଲ ସୁରକ୍ଷାରେ ଲଗାଯାଇଥାଏ।

-ମଦନ ମୋହନ ରାଉତ, ସମ୍ପାଦକ

### ଅସହାୟ ପରିବାରକୁ ସହାୟତା ମିଳୁଛି



"ଜଙ୍ଗଲ ସୁରକ୍ଷା କମିଟି ଗ୍ରାମର ଗରିବ ପରିବାରର ଅସମୟରେ ସହାୟତାର ହାତ ବଢ଼ାଏ। ଏଥିଲାଗି ଜଙ୍ଗଲରୁ ସଂଗୃହୀତ ଶୁଖିଲା କାଠ କାମରେ ଆସେ। ଅତି କମ୍ ମୂଲ୍ୟରେ ଜାଳ କାଠ ବିକ୍ରି କରାଯାଏ। ସେହି ଅର୍ଥକୁ ଜଙ୍ଗଲ ସୁରକ୍ଷା ଏବଂ ଗ୍ରାମର ଉନ୍ନତିରେ ଖର୍ଚ୍ଚ କରାଯାଉଛି।

ଉମ୍ବରୁଧର ରାଉତ, କମିଟି ସଦସ୍ୟ

### ବଡ଼ ଉପଲବ୍ଧି



"ଗ୍ରାମବାସୀ ଏକାଠି ହୋଇ ଜଙ୍ଗଲ ସୁରକ୍ଷା କମିଟି ଗଠନ କରିବା ଏକ ବଡ଼ ଉପଲବ୍ଧି। ଜଙ୍ଗଲ ସୁରକ୍ଷା ପାଇଁ ସକାଳେ ୮ଜଣ ଏବଂ ରାତିରେ ୮ଜଣ ପାଳିକରି ନିୟୋଜିତ ହୋଇଥାନ୍ତି। ଏଥିରେ ଯୁବକମାନେ ବେଶି ସହଯୋଗ କରୁଛନ୍ତି। ଯାହା ସ୍ୱପ୍ନରେ ଭାବିଥିଲୁ ତାହା ବାସ୍ତବରେ ପରିଣତ ହୋଇଛି। ଏହା ଆଗାମୀ ପିଢ଼ି ପାଇଁ ଉଦାହରଣ।

-ରମେଶ ରାଉତ, କମିଟି ସଦସ୍ୟ

## ନେତାଜୀଙ୍କ ପାଇଁ ପ୍ରତି ଓଡ଼ିଆ ଗର୍ବିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଜିଲା ବିଜେଡି କାର୍ଯ୍ୟାଳୟରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଟାଉନ ସଭାପତି ଇନ୍ଦ୍ରମଣି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ମହିଳା ବିଜେଡି ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନେତାଜୀ ଏବଂ ବୀର ସୁରେନ୍ଦ୍ରଙ୍କ ପାଇଁ ପ୍ରତିଟି ଓଡ଼ିଆ ଗର୍ବିତ। ସେମାନଙ୍କ ତ୍ୟାଗ, ସଂଗ୍ରାମର କାହାଣୀ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଦୁଇ ସଂଗ୍ରାମୀଙ୍କ ଆଦର୍ଶମୟ ଜୀବନର ସ୍ମୃତିଚାରଣ କରିଥିଲେ। ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

ସେହିପରି ସଚେତନ ନାଗରିକ ଫୋରମ୍ ଶାଖା ପକ୍ଷରୁ ସଭାପତି ରୁଦ୍ରପ୍ରକାଶ ଶରଣଙ୍କ ଅଧ୍ୟକ୍ଷତାରେ ନେତାଜୀ ପାର୍କ ପରିସରରେ ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଯୋଗୀନାଥ ମହାନ୍ତି, ସମ୍ପାଦକ ଭରତ କୁମାର ଦାସ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି ଅଖିଳ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କେପି ହାଇସ୍କୁଲର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କେପି ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ନିତ୍ୟାନନ୍ଦ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁନିତା ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ସାହୁ, କୈଳାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମାୟାଧର ସାହୁ, ଗ୍ରାମ ସଭାପତି ବ୍ରହ୍ମାନନ୍ଦ ସାମଲ, ମୋ ବିଦ୍ୟାଳୟ ସଭ୍ୟ ଭରତ ଚନ୍ଦ୍ର ସାମଲ, ପରିଚାଳନା କମିଟି ଅଧ୍ୟକ୍ଷ ଅରୁଣ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ନରେଶ ମହାରଣା, ଶିକ୍ଷକ ଭ୍ରମରବର ପ୍ରଧାନ, ସିଆର୍‌ସିସି ପଞ୍ଚାନନ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ନାଗରିକତା ଦେବାକୁ ସିଏଏ'





ପଦଯାତ୍ରାରେ ଭାଜପା କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୩।୧**

ନାଗରିକତ୍ୱ ସଂଶୋଧନ ବିଲ୍ (ସିଏଏ) ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୁରୁବାର ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ଜନଜାଗରଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତୃବୃନ୍ଦ ଏବଂ କର୍ମୀମାନେ ବାଜିଚୌକଠାରୁ ପଦଯାତ୍ରାରେ ସହର ପରିକ୍ରମା କରି ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ପ୍ରବକ୍ତା ତଥା ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ କହିଲେ, ସିଏଏ ପାଇଁ କାହାରି ନାଗରିକତ୍ୱ ଯିବନାହିଁ, ବରଂ ଏହା ନାଗରିକତ୍ୱ ଦେବ। ଏହାକୁ ନେଇ ଭୟଭୀତ ହେବା ଅନୁଚିତ। କଂଗ୍ରେସ ଏବଂ ବାମପନ୍ଥୀ ଦଳ ଅଯଥାରେ ଏହାକୁ ନେଇ ରାଜନୀତି କରୁଛନ୍ତି। ଏଥିରୁ ଦୂରେଇ ରହିବାକୁ ସେ ଆହ୍ୱାନ ଦେଇଥିଲେ। ବରିଷ୍ଠ କର୍ମକର୍ତ୍ତା ରୁଦ୍ରନାରାୟଣ ପାଣି, ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଜିଲା ପାଇଁ ନିଯୁକ୍ତ ସିଏଏ ରାଜ୍ୟ ପ୍ରଭାରୀ ଦୁର୍ଯ୍ୟୋଧନ ସାହୁ, ଶତ୍ରୁଘ୍ନ ଜେନା, ଅଶୋକ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସୁନୀଲ ଶର୍ମା, ବିଷ୍ଣୁପ୍ରସାଦ ଲେଙ୍କା, ନବକିଶୋର ଗୁରୁ ମଞ୍ଚାସୀନ ଥିଲେ। ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ସଭାରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରେମାନନ୍ଦ ଜେନା, ଅଜୟ ଭଞ୍ଜ, ମାତୃପ୍ରସାଦ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟସ୍ତରକୁ ମନୋନୀତ ହେଲା ମଡେଲ

**ପରଜଙ୍ଗ, ୨୩।୧(ଡି.ଏନ.ଏ.)**

**ପୂର୍ବ ଭାରତ ବିଜ୍ଞାନ ମେଳାରେ ଚମକିଲେ ଚୁଲ୍‌ବୁଲି**





ପୂର୍ବ ଭାରତ ବିଜ୍ଞାନ ମେଳାରେ ଚମକିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇସ୍ଥିତ ତାଳେଶ୍ୱର ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ରୀ ଚୁଲ୍‌ବୁଲି ଜେନା। ତାଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ମଡେଲ 'ଫିଙ୍ଗର ପ୍ରିଣ୍ଟ ବେସଡ ରାଶନ ଡିଷ୍ଟ୍ରିବ୍ୟୁଶନ ସେଣ୍ଟର' ବିଚାରକଙ୍କ ମନକୁ ଛୁଇଁଥିବାବେଳେ ନୂଆଦିଲ୍ଲୀରେ ହେବାକୁ ଥିବା ଜବାହରଲାଲ ନେହେରୁ ବିଜ୍ଞାନ, ଗଣିତ ଏବଂ ପରିବେଶ ମେଳା–୨୦୨୦କୁ ମନୋନୀତ ହୋଇଛି।

ବିଜ୍ଞାନ ଶିକ୍ଷକ ଗିରିଶ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଚୁଲ୍‌ବୁଲି ଏହି ମଡେଲ ପ୍ରସ୍ତୁତ କରିଛନ୍ତି। ଏଥିପୂର୍ବରୁ ଉକ୍ତ ପ୍ରକଳ୍ପ ବିଦ୍ୟାଳୟ, ବ୍ଲକସ୍ତରରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲା। କଲିକତାରେ ଅନୁଷ୍ଠିତ ପୂର୍ବ ଭାରତ ବିଜ୍ଞାନ ମେଳାରେ ଉକ୍ତ ପ୍ରକଳ୍ପ 'ଓଡ଼ିଶାର ବେଷ୍ଟ ମଡେଲ' ଟ୍ରଫି ପାଇଛି। ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଚୁଲ୍‌ବୁଲିଙ୍କ ମଡେଲକୁ ଭୂୟସୀ ପ୍ରଶଂସା କରିଥିଲେ। ଭାରତ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଗରିବ ହିତାଧିକାରୀଙ୍କ ରାଶନକୁ ଏହି ମଡେଲ ସୁରକ୍ଷିତ ରଖିବ। ସେମାନେ ଠକାମିରେ ପଡ଼ିବେ ନାହିଁ। ସରକାରଙ୍କ ନୂତନ ଯୋଜନା 'ଗୋଟିଏ ଦେଶ, ଗୋଟିଏ ରାଶନ' ପାଇଁ ଏହା ବେଶ୍ ସହାୟକ ହେବ ବୋଲି ଚୁଲ୍‌ବୁଲି କହିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଚୁଲ୍‌ବୁଲି ସୁନାମ ଆଣନ୍ତୁ ବୋଲି ପ୍ରଧାନ ଶିକ୍ଷକ ସୁମନ୍ତ ବେହେରା, ଶିକ୍ଷକ ସନ୍ତୋଷ ସ୍ୱାଇଁ, ରଞ୍ଜନ ବେହେରା, ଦୁଷ୍ମନ୍ତ ନାୟକ, ସୌଭାଗ୍ୟ ସାହୁ ଆଶାବ୍ୟକ୍ତ କରିଛନ୍ତି।

## ରୋଗୀ ନେଇ ଯାଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଠାକୁରମୁଣ୍ଡା, ୨୩।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ଝରାଡ଼ିର ବଡ଼କଦମ ଗ୍ରାମରୁ ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ କଟକ ନେବା ବାଟରେ କରଞ୍ଜିଆଠାରୁ ୪ କିମି ଦୂର ମାଣ୍ଡୁଆ ନିକଟରେ ବୁଧବାର ବିଳମ୍ବିତ ରାତିରେ ଗାଡ଼ି ଦୁର୍ଘଟଣା ହୋଇଛି। ଫଳରେ ଗାଡ଼ିରେ ଯାଉଥିବା ରୋଗୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଧନପତି ବେହେରା (୬୫)ଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ଭଉଣୀ ଜ୍ୟୋତି ଓ ପୁତୁରା ଶ୍ରବଣ ଏକ ସ୍କର୍ପିଓରେ କରଞ୍ଜିଆ–ଠାକୁରମୁଣ୍ଡା ରାସ୍ତା ଦେଇ କଟକ ଯାଉଥିବାବେଳେ ରାତି ପ୍ରାୟ ୧.୩୦ମି ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଆହତମାନଙ୍କୁ ଉଦ୍ଧାର ପରେ କରଞ୍ଜିଆ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## 'ଶିକ୍ଷାନୁଷ୍ଠାନକୁ ଭଲ ପାଅ'





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୩।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ହାଇସ୍କୁଲର ୬୩ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ହେଉଛନ୍ତି ସ୍କୁଲର ମୂଳଭିତ୍ତି। ଶିକ୍ଷାନୁଷ୍ଠାନକୁ ଭଲ ପାଇଲେ ଏହାର ବିକାଶ ପାଇଁ ଇଚ୍ଛା ଜାଗ୍ରତ ହେବ। ଏଥିପାଇଁ ସମସ୍ତେ ନିଜ ନିଜ ସ୍ତରରେ ଉଦ୍ୟମ କରିବା ଆବଶ୍ୟକ ବୋଲି ଏମ୍‌ପି ପରାମର୍ଶ ଦେଇଥିଲେ। ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ରାଉତ ଆହ୍ୱାନ ଦେଇଥିଲେ।

ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଶାନ୍ତ ରାଉତ, ସିଆର୍‌ସିସି ଅଭୟ ସାହୁ, ମୋ ସ୍କୁଲ ଅଭିଯାନର ସଭାପତି ସାରଙ୍ଗଧର ରାଉତ, ପରିଚାଳନା କମିଟି ସଭାପତି ଆରତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ବିଷ୍ଣୁପ୍ରିୟା ମହାନ୍ତି ଏବଂ ସ୍ମୃତିରଞ୍ଜନ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର, ଭାରତୀ ବିଶ୍ୱାଳ, ଶିକ୍ଷକ ଜଗବନ୍ଧୁ ଶତପଥୀ, ମଞ୍ଜୁବାଳା ବେହେରା, ବନଜା ସାହୁ, ମାଧବିକା ସାହୁ, ଶିକ୍ଷକ ଉତ୍ତମ ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଷ୍ଟେଶନରୁ ନାବାଳିକା ଉଦ୍ଧାର

ବଇଣ୍ଡା,୨୩।୧(ଡି.ଏନ.ଏ.)- ହଣ୍ଡପା ଥାନା ବଇଣ୍ଡା ରେଳଷ୍ଟେଶନ ପରିସରରୁ ବୁଧବାର ସନ୍ଧ୍ୟାରେ ଜନୈକା ନାବାଳିକାଙ୍କୁ ବଇଣ୍ଡା ରେଲୱେ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ଫାଣ୍ଡି ଅଧିକାରୀ ଏ.କେ. ଗଡ଼ନାୟକ କହିଛନ୍ତି, ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ତାଙ୍କ ପୁରୁଷବନ୍ଧୁଙ୍କ ସହ ଘରୁ ଲୁଚି ପଳାଇ ଆସିଥିଲେ। ହେଲେ ଭୁବନେଶ୍ୱର ଷ୍ଟେଶନରୁ ସେମାନେ କୌଣସି କାରଣରୁ ଅଲଗା ଅଲଗା ଟ୍ରେନ୍‌ରେ ବସିଯାଇଥିଲେ। ବଇଣ୍ଡା ଷ୍ଟେଶନଠାରେ ନାବାଳିକା ଜଣକ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ। ସେ ଏକା ବୁଲୁଥିବା ବେଳେ ସନ୍ଦେହ କରି ଫାଣ୍ଡି ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଡକାଯାଇ ନାବାଳିକାଙ୍କୁ ହସ୍ତାନ୍ତର କରାଯାଇଥିଲା।

### ଫେରାର ଅଭିଯୁକ୍ତା ଗିରଫ

ବଇଣ୍ଡା,୨୩।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ବୈଷ୍ଣବ ସାହିରେ ପୋଲିସ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତା ପଦ୍ମିନୀ ମାଝିଙ୍କୁ ଗିରଫ କରିଛି। ସେ ଏକ ଗଣ୍ଡଗୋଳ ମାମଲାରେ ସମ୍ପୃକ୍ତ ଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ନଂ. ୬/୨୦ରେ ଏକ ମାମଲା ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତାଙ୍କୁ କୋର୍ଟଚାଲାଣ କରାଯାଇଛି।

### ଦୁର୍ଘଟଣାରେ ୫ ଆହତ

ସୋର, ୨୩।୧(ଡି.ଏନ.ଏ.): ସୋର ଥାନା ଅଧୀନ ଜାତୀୟ ରାଜପଥ ବାରିକ ହାଟ ନିକଟରେ ବୁଧବାର ବିଳମ୍ବିତ ରାତିରେ ବାରିପଦାରୁ ସୋରକୁ ଫେରୁଥିବା ଏକ ବରଯାତ୍ରୀ ଗାଡି ଦୁର୍ଘଟଣାଗ୍ରସ୍ତ ହେବାରୁ ୫ ଜଣ ଆହତ ହୋଇଛନ୍ତି। ଫେରୁଥିବା ବେଳେ ଏକ ଡାଇଭର୍ସନ୍‌ରେ ଏକ ମାଛ ବୋଝେଇ ଟ୍ରକ୍ ସହ ବୋଲେରୋର ମୁହାଁମୁହିଁ ଧକ୍କା ହୋଇଥିଲା। ଚାଳକ ଅଭୟ ପ୍ରଧାନ ଓ ଜ୍ଞାନେନ୍ଦ୍ର ପଣ୍ଡା ଗୁରୁତର ହୋଇଥିବା ବେଳେ ଅନ୍ୟ ୫ଜଣ ଆହତ ହୋଇଥିଲେ। ସୋର ପୋଲିସ ଜ୍ଞାନେନ୍ଦ୍ରଙ୍କୁ କଟକ ସ୍ଥାନାନ୍ତର କରିଛି।

# ଲିନ୍ସଲରୀ ପ୍ରୋଜେକ୍ଟ କାର୍ଯ୍ୟ ତଦାରଖ


ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ନାଲ୍‌କୋ ସିଏମ୍‌ଡିଙ୍କ ସହ ଅନ୍ୟ ଅଧିକାରୀମାନେ।

**ସିଏମ୍‌ଡି ଶ୍ରୀଧର ପାତ୍ରଙ୍କ ନାଲ୍‌କୋ ଗସ୍ତ**

ବଅଁରପାଳ,୨୩।୧(ଡି.ଏନ.ଏ.)

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ନୂତନ ଅଧ୍ୟକ୍ଷ ଶ୍ରୀଧର ପାତ୍ର ଦୁଇ ଦିନିଆ ଅନୁଗୋଳ ଗସ୍ତରେ ଆସି ଗୁରୁବାର ନାଲ୍‌କୋ ସ୍ମେଲଟର ଓ ପାୱାର ପ୍ଲାଣ୍ଟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ସିଏମ୍‌ଡି ନାଲ୍‌କୋରେ କାର୍ଯ୍ୟରତ ସମସ୍ତ ଶ୍ରମିକ ସଙ୍ଗଠନ ସହିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାପରେ ପ୍ଲାଣ୍ଟ ଏବଂ ସମ୍ପ୍ରସାରଣ ନେଇ ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହିତ ବୈଠକ କରିଥିଲେ। ନାଲ୍‌କୋର ଲାଇଫ ଲାଇନ କୁହାଯାଉଥିବା ଲିନ୍ସଲରୀ ପ୍ରୋଜେକ୍ଟକୁ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟ ତଦାରଖ କରିଥିଲେ। ନାଲ୍‌କୋ ଦ୍ୱାରା ନିର୍ମାଣ କରାଯାଇଥିବା ଚକ୍ଷୁ ଚିକିତ୍ସାଳୟ ପରିଦର୍ଶନ କରି ଏହାକୁ ଚାଲୁ କରିବା ପାଇଁ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ନାଲ୍‌କୋ ସିପିପିର ସ୍ୱୀକୃତିପ୍ରାପ୍ତ ସଙ୍ଗଠନ, ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର କର୍ମକର୍ତ୍ତା ପରେଶ ଜେନା, ବିଭବ ଜେନା, ହେମନ୍ତ ପ୍ରଧାନ, ବିଭୂତି ଶତପଥୀ, ସୁଜିତ ସେଠ, ଆର.କେ. ସିଂହ, ସନ୍ତୋଷ ମହାରଣା, ପ୍ରଣବ ଜେନା ଓ ପ୍ରଦୀପ ସାହୁ ପ୍ରମୁଖ ସିପିପିରେ ପାଣି, ପାଉଁଶ ଓ କୋଇଲା ସମସ୍ୟାର ସମାଧାନ ସହ ପୁରୁଣା ପ୍ଲାଣ୍ଟ ନବୀକରଣ ଏବଂ କର୍ମଚାରୀମାନଙ୍କ କ୍ୱାର୍ଟର୍ସ ମରାମତି ପାଇଁ ସିଏମ୍‌ଡିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସିଏମ୍‌ଡି ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ନେତାଜୀ ଜୟନ୍ତୀରେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସିଏମ୍‌ଡିଙ୍କ ଏହି ପରିଦର୍ଶନ ସମୟରେ ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଏସ.ଏନ. ସାହୁ, ସ୍ମେଲ୍ଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲରେ ନେତାଜୀ ଜୟନ୍ତୀ


ସ୍କୁଲର ଅଧିକାରୀଙ୍କ ସହ ନେତାଜୀଙ୍କ ବେଶରେ ୩ ଛାତ୍ର।

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ ଡକ୍ଟର ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଗୁରୁବାର ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରିନ୍ସିପାଲ ସନ୍ତୋଷ କୁମାର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ବନଜ୍ୟୋତ୍ସ୍ନା ସିଂ ମୁଖ୍ୟଅତିଥି, ଅନୁଷ୍ଠାନ ଉପାଧ୍ୟକ୍ଷ ବିଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନେତାଜୀଙ୍କ ବୀରତ୍ୱ, ଦେଶପ୍ରେମ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସ୍ୱସ୍ତିକ ରଞ୍ଜନ ବିଶ୍ୱାଳ, କମଳ ପ୍ରକାଶ ଧଳ, ସାଇ ଶ୍ୱେତପଦ୍ମା ସାମନ୍ତ ଓ ସମ୍ଭାବନା ମେହେର ପ୍ରମୁଖ ନେତାଜୀଙ୍କ ବୀରତ୍ୱ, ସଂଘର୍ଷମୟ ଜୀବନ ଉପରେ ଭାଷଣ ଦେଇଥିଲେ। କମଳ ପ୍ରକାଶ ଦଳ, ଆର୍ଯ୍ୟଅନ୍ୱବ ଧଳ ଓ ପ୍ରିୟାଂଶୁ ଭୂୟାଁ ନେତାଜୀଙ୍କ ପୋଷାକରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିସ୍ନିଗ୍ଧା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅଜୟ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ


ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୨୩।୧(ଡି.ଏନ.ଏ.)

କିଶୋରନଗର କଲେଜ ଛକ ନିକଟରେ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଲକ୍ଷ୍ମଣ ବେହେରା, ସୁବାସ ପ୍ରଧାନ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ, ତୀର୍ଥବାସୀ ଭୋଇ, ହୃଦାନନ୍ଦ ବିଶ୍ୱାଳ, ବୃଷଭ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ସେହିପରି କିଶୋରନଗର ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ସତ୍ୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ସଂଗ୍ରାମ କେଶରୀ ପୃଷ୍ଟି, ସନ୍ତୋଷ କୁମାର ପ୍ରଧାନ, ବିନାୟକ ଦେହୁରୀ, ବିଜୟିନୀ ସାହୁ, ସୁପ୍ରଭା ସାହୁ ଯୋଗଦେଇ ନେତାଜୀଙ୍କ ଆଦର୍ଶରେ ଛାତ୍ରୀଛାତ୍ରମାନେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

# ତାଳଚେରର ପୁସ୍ତକ ମେଳା ଉଦ୍‌ଘାଟିତ


ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ତାଳଚେର,୨୩।୧(ନି.ପ୍ର.)

ପୁସ୍ତକ ବନ୍ଧୁ ଭାବେ କାର୍ଯ୍ୟ କରେ। ତାହାର ବିକଳ୍ପ ନାହିଁ। ପୁସ୍ତକ ଜ୍ଞାନ ବିକାଶ ଓ ରୋଜଗାରର ମାଧ୍ୟମ ହେବା ଆବଶ୍ୟକ ବୋଲି ହାଟତୋଟା ପ୍ରଜାମଣ୍ଡଳ ଭବନ ପରିସରରେ ୧୭ତମ ତାଳଚେର ପୁସ୍ତକ ମେଳାର ଉଦ୍‌ଘାଟନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ତାଳଚେର ଉପଜିଲାପାଳ ତଥା ପୁସ୍ତକ ମେଳା କମିଟି ସଭାପତି ପରେଶ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଅନ୍ୟଭାଷା ସହିତ ନିଜ ମାତୃଭାଷାକୁ ଭଲ ପାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଭାଷାକୁ ବଞ୍ଚାଇବାକୁ ହେଲେ ପୁସ୍ତକକୁ ଆପଣାର କରିବାର ଅଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିପିଏସ୍ ଏଜିଏମ ଆଲିୟସ ଟପ୍ପୋ, ଗ୍ରୁପ୍ ଜେନେରାଲ ମ୍ୟାନେଜର ଦେବେନ୍ଦ୍ର ନାଥ ତିୱାରୀ, ସାହିତ୍ୟିକ ଡ. ସୁବୋଧ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଯୁଗ୍ମ ସାଧାରଣ ସମ୍ପାଦକ ବିରଜା ମିଶ୍ର ବିବରଣୀ ପାଠ କରିଥିଲେ। ଉପସଭାପତି ଦୀପକ କୁମାର ପ୍ରଧାନ ମଞ୍ଚ ସଂଯୋଜନା, କେଶବ ଭୂତିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ୮୦ଟି ଷ୍ଟଲ ଖୋଲା ଯାଇଥିବା କମିଟି ସୂତ୍ରରୁ ଜଣାପଡିଛି। ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଏହି ପୁସ୍ତକମେଳା ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଚିକିତ୍ସା ସେବା ଅନୁଧ୍ୟାନ କଲେ ଜିଲାପାଳ

ଅନୁଗୋଳ ଅଫିସ, ୨୩।୧

- ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ
- ୫କୁ ବଢ଼ିବ ଟିକେଟ କାଉଣ୍ଟର ସଂଖ୍ୟା


ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ବେଳେ ଜିଲାପାଳ ଆଲୋଚନା କରୁଛନ୍ତି।

ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଯାଇ ଚିକିତ୍ସା ସେବା ଅନୁଧ୍ୟାନ କରିଛନ୍ତି। ମେଡିକାଲରେ ରୋଗୀଙ୍କୁ କିପରି ସେବା ପ୍ରଦାନ କରାଯାଉଛି ସେ ସମ୍ପର୍କରେ ରୋଗୀଙ୍କ ଠାରୁ ପଚାରି ବୁଝିଛନ୍ତି। ରୋଗୀ ସଂଖ୍ୟା ବଢୁଥିବାରୁ ଟିକେଟ୍ କାଉଣ୍ଟରକୁ ୨ରୁ ୫କୁ ବୃଦ୍ଧି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଅପରାହ୍ନରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଜିଲାପାଳ ମେଡିକାଲର ବିଭିନ୍ନ ୱାର୍ଡ ବୁଲିଥିଲେ। ତାଙ୍କ ସହ ସହରର କେତେଜଣ ବ୍ୟକ୍ତି ଓ ଡାକ୍ତର ବିଶ୍ୱଜିତ ସାମଲ ଉପସ୍ଥିତ ଥିଲେ। ଆଉଟ୍ ଡୋର ନିକଟରେ ରୋଗୀଙ୍କ ଲମ୍ଭାଧାଡ଼ି ଦେଖି ଜିଲାପାଳ କମ୍ପ୍ୟୁଟରାଇଜ୍ ପଞ୍ଜୀକରଣ ହେଉଥିବା କାଉଣ୍ଟରକୁ ଯାଇଥିଲେ। ସେଠାରେ ମଧ୍ୟ ବହୁ ସଂଖ୍ୟାରେ ରୋଗୀ ଲାଇନ୍‌ରେ ଠିଆ ହୋଇଥିବାରୁ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ତୁରନ୍ତ ଲୋକଙ୍କୁ ଟିକେଟ୍ ପ୍ରଦାନ କରିବାକୁ କାଉଣ୍ଟରରେ ଥିବା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏମ୍‌ଆର୍‌ଆଇ ସମ୍ମୁଖରେ ଜିଲାପାଳ ଛିଡ଼ା ହେବା ସମୟରେ କେତେଜଣ ରୋଗୀଙ୍କ ସହ ଆଲୋଚନା କରିଥିଲେ। ମିଳୁଥିବା ଚିକିତ୍ସା, ଠିକ୍ ସମୟରେ ଡାକ୍ତର ଆସୁଛନ୍ତି କି ନାହିଁ, ବାହାରୁ ଔଷଧ କିଣିବାକୁ ପଡୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ।

## ଫଟୋରେ ଖବର


ଅନୁଗୋଳ ହେମସୁରପଡ଼ାରେ ଥିବା ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ଅବସରରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ, ମର୍ନିଂଷ୍ଟାର, ଇମ୍ପାକ୍ଟ ଟ୍ୟୁଟୋରିଆଲ ଓ ଏମ୍‌ସ୍ୟାଟ୍ ଦଳ ମଧ୍ୟରେ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସୋମନାଥ ରାଉତ, ଲକ୍ଷ୍ମୀଧର ଜେନା ଓ ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ନେତାଜୀ, ସାଏଙ୍କ ସ୍ମୃତିଚାରଣ


ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଉଛି।

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଉଭୟ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ପରିଚାଳନା ସମିତି ସଭାପତି ଡ. ସୁଧାକର ପାଳ ଅଧ୍ୟକ୍ଷତା କରିଥିଲେ। ଯୁକ୍ତଦୁଇ ବିଜ୍ଞାନ ମହାବିଦ୍ୟାଳୟ ଗଣିତ ଅଧ୍ୟାପକ ଜିତେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ଜନନାୟକଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ଅତିଥି ପରିଚୟ ଦେଇଥିଲେ। ପୂର୍ବତନ ଛାତ୍ର ସଭାପତି ଦୀପାଂଶୁ କୁମାର ବରାଳ ଓ ସମ୍ପାଦକ ପିନାକୀ ସିଂ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ପୁଷ୍ପ ଚାରା ରୋପଣ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବିଭାଗ ନିରୀକ୍ଷକ ବିଜନ କୁମାର ଜେନା, ଆଚାର୍ଯ୍ୟ ଗିରୀଶ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ଦାଶ, ପ୍ରଶାନ୍ତ କୁମାର ନାଥ, ସୁଜାତା ନାୟକ, ଅଭୟ କୁମାର ରାୟ, ଗିରିଜା ଶଙ୍କର ନନ୍ଦ ଓ ଛାତ୍ରୀଛାତ୍ରମାନେ ଫଳ ବଣ୍ଟନ କାର୍ଯ୍ୟରେ ସାମିଲ ହୋଇଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

# 'ଜାତୀୟସ୍ତରୀୟ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କର'

**ବନ ବିଭାଗ ସ୍ପୋର୍ଟ୍ସ ମିଟ୍ ଉଦ୍‌ଘାଟିତ**

ଅନୁଗୋଳ ଅଫିସ, ୨୩।୧

ଅନୁଗୋଳ ଫରେଷ୍ଟ ରେଞ୍ଜର କଲେଜରେ ରାଜ୍ୟସ୍ତରୀୟ ବନ ବିଭାଗ ସ୍ପୋର୍ଟ୍ସ ମିଟ୍ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୮ଟି ସର୍କଲର ବନ ବିଭାଗ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଦୁଇଟି ସ୍ଥାନରେ ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ାରେ ରାଜ୍ୟର ୩୫୦ କ୍ରୀଡ଼ାବିତ୍ ଭାଗ ନେଇଛନ୍ତି। ଏହି ରାଜ୍ୟସ୍ତରୀୟ କ୍ରୀଡ଼ାକୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍ ଚିଫ୍) ସନ୍ଦୀପ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦାର ଆର୍‌ସିସିଏଫ୍ ଅଭିରାମ ନାୟକ, ବ୍ରହ୍ମପୁରର ଆର୍‌ସିସିଏଫ ସୁରେଶ ପନ୍ତ ଯୋଗ ଦେଇଥିଲେ।

ଏହି ଅବସରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳ ପଦର୍ଶନ କରି ମାର୍ଚ୍ଚରେ ଭୁବନେଶ୍ୱରରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ମୁଖ୍ୟଅତିଥି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲେ। ଅନୁଗୋଳର ଫରେଷ୍ଟ ରେଞ୍ଜର କଲେଜ ପଡ଼ିଆରେ ଆଥଲେଟିକ୍ ଓ ନାଲ୍‌କୋଠାରେ ଇନଡୋର ପ୍ରତିଯୋଗିତା ଅନୁଷ୍ଠିତ ହେବ। ମୋଟ୍ ୩୮ଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିବା ବେଳେ ଅନୁଗୋଳ, ବାରିପଦା, ଭୁବନେଶ୍ୱର, ସମ୍ବଲପୁର, ଭବାନୀପାଟଣା, ରାଉରକେଲା, କୋରାପୁଟ, ବ୍ରହ୍ମପୁର ସର୍କଲର ଖେଳାଳିମାନେ ଯୋଗ ଦେଇଛନ୍ତି। ପ୍ରଥମେ ପୁରୁଷ ବିଭାଗର ଶହେ ମିଟ୍ର ଦୌଡ଼ରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପରେ ମହିଳା ବିଭାଗର ଶହେ ମିଟର ଦୌଡ଼ ପ୍ରତିଯୋଗିତା ହୋଇଥିଲା। ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, କଟକ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ରେଢାଖୋଲ ବନଖଣ୍ଡ ଅଧିକାରୀ ସଂଗ୍ରାମ ବେହେରା ଓ ରାଉରକେଲା ବନଖଣ୍ଡ ଅଧିକାରୀ ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ନାଲ୍‌କୋ ଠାରେ ଆୟୋଜିତ ଇନ୍‌ଡୋର କ୍ରୀଡ଼ା ଦାୟିତ୍ୱରେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସୌମ୍ୟକ ସାମନ୍ତରାୟ ଥିବାବେଳେ ରେଞ୍ଜର୍ସ ଟ୍ରେନିଂ କଲେଜରେ ଅନୁଷ୍ଠିତ ଆଉଟ୍‌ଡୋର କ୍ରୀଡ଼ା ଦାୟିତ୍ୱରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ରାମାସ୍ୱାମୀ ପି. ରହିଛନ୍ତି। ଅନୁଗୋଳ ବନଖଣ୍ଡ ଅଧିକାରୀ ଭି. କାର୍ତ୍ତିକଙ୍କ ସମେତ ବନ ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଓ କ୍ରୀଡ଼ା ଶିକ୍ଷକ ସହଯୋଗ କରୁଛନ୍ତି। ଅନୁଗୋଳ ଫରେଷ୍ଟ କଲେଜର ଡିସିଏଫ ପ୍ରଣବ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଅନୁଗୋଳ ୱାର୍କିଂ ପ୍ଲାନ କଞ୍ଜରଭେଟର ପି.କେ. ମହାପାତ୍ର ଧନ୍ୟବାଦ ଦେଇଥିଲେ।


ଉଦ୍‌ଘାଟନୀ ଅବସରରେ ଦୌଡ଼ ପ୍ରତିଯୋଗିତା କରାଯାଉଛି।

